# REGIONAL NEWS UNIT, AIR CUTTACK

## Mid-day Bulletin (4.32PM)

### 24 November – 2025

******************************

## ମୁଖ୍ୟ ସମ୍ବାଦ

- ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ସୂର୍ଯ୍ୟକାନ୍ତ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହେବ ରାଜ୍ୟ ମନ୍ତ୍ରି ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ
- ରାଜ୍ୟରେ ଆସନ୍ତାକାଲିଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବା ନେଇ ସମବାୟ ମନ୍ତ୍ରୀଙ୍କ ସୂଚନା

ଏବଂ

- ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ସୁଦ୍ଧା ଅବପାତରେ ପରିଣତ ହେବା ସମ୍ଭାବନା

– ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ; କହିଲେ ରାଜସ୍ୱ ମନ୍ତ୍ରୀ

Desk

# ପ୍ରଧାନ ବିଚାରପତି-ଶପଥ

ସୁପ୍ରିମକୋର୍ଟର ୫୩ତମ ପ୍ରଧାନ ବିଚାରପତି ଭାବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆଜି ଶପଥ ଗ୍ରହଣ କରିଛନ୍ତି ।ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

**- V/O -**

ଶପଥଗ୍ରହଣ ଉତ୍ସବରେ ବ୍ରାଜିଲ ସମେତ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ପ୍ରଧାନ ବିଚାରପତିମାନେ ଉପସ୍ଥିତ ରହିଥିଲେ। ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରମୁଖ ଶପଥ ସମାରୋହରେ ସାମିଲ ହୋଇଥିଲେ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପ୍ରଧାନ ବିଚାରପତି ଭାବେ ୧୪ ମାସ କାର୍ଯ୍ୟ କରିବେ । ୨୦୦୪ ମସିହାରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ମସିହାରେ ସେ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି, ୨୦୧୯ ମସିହାରେ ସୁପ୍ରିମକୋର୍ଟର ବିଚାରପତିଭାବେ ଦାୟିତ୍ୱ ନିର୍ବାହ

କରିସାରିଛନ୍ତି। ପ୍ରଧାନ ବିଚାରପତି ବି.ଆର୍ ଗଭାଇ ଗତକାଲି ଅବସର ଗ୍ରହଣ କରିଥିଲେ ।

BBSR/R

## ମନ୍ତ୍ରୀ ପରିଷଦ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି  ରାଜ୍ୟ ମନ୍ତ୍ରୀ ପରିଷଦର ବୈଠକ ଅନୁଷ୍ଠିତ ହେବ। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ସନ୍ଧ୍ୟାରେ ହେବାକୁ ଥିବା ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଆଗତ ହେବାକୁ ଥିବା ଅତିରିକ୍ତ ବଜେଟ୍‌କୁ ଅନୁମୋଦନ ମିଳିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଚଳିତ ଆର୍ଥିକ ବର୍ଷ ପାଇଁ ପ୍ରାୟ ୧୨ ହଜାର କୋଟି ଟଙ୍କାର ଅତିରିକ୍ତ ବଜେଟ୍‌କୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ୍ ୧୨ ହଜାର ୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦ ହଜାର ୧୫୫ କୋଟି ଏବଂ ପ୍ରଶାସନିକ ବ୍ୟୟପାଇଁ ୧ ହଜାର ୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା।

BBSR/R

## ମୁଖ୍ୟମନ୍ତ୍ରୀ- ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ସେପ୍ଟେମ୍ବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିବା ପାଇଁ ପଞ୍ଜୀକରଣ କରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଆଜିର ଅଭିଯୋଗ ଶୁଣାଣି ଉଦ୍ଦିଷ୍ଟ ଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିବା ବେଳେ ତ୍ୱରିତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ସବ୍‌କା ସାଥ୍, ସବ୍‌କା ବିଶ୍ୱାସ' ମନ୍ତ୍ରରେ ପରିଚାଳିତ ହୋଇ ସରକାର ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଦିଗରେ ଅଗ୍ରସର ହେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୮ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ

ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

ଯେଉଁମାନେ ମନ୍ କି ବାତ୍'ରେ ନିଜ ନିଜର ମତ ମତବ୍ୟକ୍ତ କରିବାକୁ ଚାହାଁନ୍ତି, ସେମାନେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ୱେବସାଇଟ୍ mygov.in ର ଟୋଲ ଫ୍ରି ନମ୍ବର ୧୮୦୦-୧୧-୭୮୦୦ରେ ଫୋନ୍ କରି ସେମାନଙ୍କର ମତ ଦେଇପାରିବେ।

Desk

# ଧାନ ସଂଗ୍ରହ ବୈଠକ

ରାଜ୍ୟରେ ଆସନ୍ତାକାଲିଠାରୁ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ଚାଷୀଙ୍କ ପାଇଁ ମଣ୍ଡିଗୁଡ଼ିକରେ ଚଳିତଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଠିକ୍ ସମୟରେ ଗାଡ଼ି ପହଁଞ୍ଚାଇବା ପାଇଁ ମିଲ୍ ମାଲିକଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ଧାନକ୍ରୟ ଉପରେ ନଜର ରଖିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। କଟନୀ ଛଟ୍‌ନୀ ଉପରେ ସରକାର ନଜର ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

ଧାନ ସଂଗ୍ରହ କମିଟି ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଧାନ ବିକ୍ରୟ ନିମନ୍ତେ ୧୯ଲକ୍ଷ ୬୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ୧୭ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଥିଲେ ।

ଚଳିତବର୍ଷ ଉଭୟ ଖରିଫ୍ ଓ ରବିଋତୁ ପାଇଁ ୯୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଣାପଡ଼ିଛି ।

Sambalpur

## ଟାଇଗର ଏନ୍‌କ୍ଲୋଜର

କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଚିଡ଼ିଆଖାନାରେ ୧୫ ଶହ ବର୍ଗମିଟର ଟାଇଗର ଏନ୍‌କ୍ଲୋଜର ଏବଂ ମଗର ଓ ଘଡ଼ିଆଳ ପ୍ରଜାତିର କୁମ୍ଭୀରଙ୍କ ପାଇଁ ଏକ ସ୍ୱତନ୍ତ୍ର ଏନ୍‌କ୍ଲୋଜର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବର୍ତ୍ତମାନ ଏହି ଚିଡ଼ିଆଖାନାରେ ୧୭ ପ୍ରଜାତିର ବନ୍ୟପ୍ରାଣୀ ସହ ଏକ କଳରାପତରିଆ ବାଘ ମଧ୍ୟ ରହିଛି।

ଆଗାମୀ ଦିନରେ ଦେଶର ଅନ୍ୟ ଚିଡ଼ିଆଖାନାରୁ ସମ୍ବଲପୁର ଚିଡ଼ିଆଖାନାକୁ ଅଧିକ ଚାରୋଟି ମହାବଳ ବାଘ ଆସିବେ ବୋଲି ଜଣାପଡ଼ିଛି। ଏ ନେଇ ଜାତୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଛନ୍ତି।

Desk

## ଧର୍ମେନ୍ଦ୍ରଙ୍କ ପରଲୋକ

ବଲିଉଡ୍‌ର ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର ଦେଓଲଙ୍କ ଆଜି ଅଣାନବେ ବର୍ଷ ବୟସରେ ପରଲୋକ ହୋଇଛି। ଶାରୀରିକ ଅସୁସ୍ଥତା କାରଣରୁ ମୁମ୍ବାଇସ୍ଥିତ ବାସଭବନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ

ହୋଇଥିବା ନେଇ ସୂଚନା ମିଳିଛି। ମୁମ୍ବାଇ ଭିଲେପାଲେ ସ୍ଥିତ ସ୍ମଶାନ ଘାଟରେ ଶେଷ ଦର୍ଶନ ପାଇଁ କଳାକାରମାନେ ପହଁଞ୍ଚିଛନ୍ତି। ଧର୍ମେନ୍ଦ୍ର ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସିନେମା ଜଗତରେ ନିଜର ଅଭିନୟ ପାଇଁ 'ହି ମ୍ୟାନ୍' ଭାବେ ପରିଚିତ ଥିଲେ। ସୋଲେ, ଚୁପଚୁପ୍ କେ, ସତ୍ୟକାମ୍, ଗୁଲାମୀ, ଭଳି ଚଳଚ୍ଚିତ୍ରରେ ସେ ଅଭିନୟ କରିବା ସହ ବେତାବ ଓ ଘାୟାଲ ଭଳି ଲୋକପ୍ରିୟ ଚଳଚ୍ଚିତ୍ରର ପ୍ରଯୋଜନା କରିଥିଲେ। ତାଙ୍କ ପରଲୋକ ଖବର ମିଳିବା ଉପରେ ସିନେମା ଜଗତରେ ଶୋକର ଛାୟା ଖେଳିଯାଇଛି।

Ganjam

## ଆତ୍ମନିର୍ଭରଶୀଳ ଭାରତ ଅଭିଯାନ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଆଦର୍ଶ ବିଦ୍ୟାଳୟରେ 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କହିଛନ୍ତି, କେନ୍ଦ୍ର ସରକାର ଆତ୍ମନିର୍ଭରଶୀଳ ଭାରତ ଅଭିଯାନ ଅଧୀନରେ ପାଇଁ ୧୧୩ଟି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ୨୦୩୬ ମସିହା ସୁଦ୍ଧା ଓଡ଼ିଶା ଏକ ବିକଶିତ ରାଜ୍ୟରେ ପରିଣତ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା, କୃଷି ଓ କୃଷକଙ୍କ ବିକାଶ ଦିଗରେ ଅଧିକ ଧ୍ୟାନ ଦେବା, ଯୁବଗୋଷ୍ଠୀ, ଶ୍ରମିକ

ଏବଂ ଜନଜାତି ସମ୍ପ୍ରଦାୟଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ।

Nabarangpur

## ବନ୍ଦେ ମାତରମ୍

ନବରଙ୍ଗପୁର ଜିଲ୍ଲା ଉମରକୋଟ ରାଇଘର ବ୍ଲକ ଷ୍ଟାଡିୟମ୍‌ଠାରେ ଆତ୍ମନିର୍ଭର ଭାରତ ଓ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ  ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ସମସ୍ତଙ୍କୁ ବିକଶିତ ଭାରତ ଗଠନ ଦିଗରେ କାର୍ଯ୍ୟକରିବା ସହ ଆତ୍ମନିର୍ଭର ଭାରତର ଲକ୍ଷ୍ୟକୁ ସାକାର କରିବା ପାଇଁ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ଆତ୍ମନିର୍ଭର ଭାରତ ଗଠନ ଓ ସ୍ୱଦେଶୀ ଜାଗରଣକୁ ନେଇ ଏକ ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଥିଲା ।

Rayagada

## ଅନାସ୍ଥା ପ୍ରସ୍ତାବ ଭୋଟ୍‌ଗଣତି

ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ଅନାସ୍ଥା ପ୍ରସ୍ତାବର ଭୋଟ୍‌ଗଣତି ଆଜି ଶେଷ ହୋଇଛି । ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଆଜି ରାୟଗଡ଼ା ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ

ରମଶେ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସକାଳ ୧୦ଟାରେ ପୌର କାର୍ଯ୍ୟାଳୟରେ ଭୋଟଗଣତି ଶେଷ ହୋଇଛି ।

Subarnpur

## ଏକତା ପଦଯାତ୍ରା

ସୁବର୍ଣ୍ଣପୁର ଜିଲ୍ଲାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆଜି ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ପଦଯାତ୍ରାରେ ସାଂସଦ ସଂଗୀତା କୁମାରୀ ସିଂହଦେଓ ସାମିଲ ହୋଇ ଦେଶର ଅଖଣ୍ଡତା, ଜାତୀୟ ସଂହତି ଓ ଏକତାକୁ ବଜାୟ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇଥିଲେ ।

Kalahandi

## ଏକତା ପଦଯାତ୍ରା-କଳାହାଣ୍ଡି

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଉପଲକ୍ଷେ ଏକତା ପଦଯାତ୍ରା ଭବାନୀପାଟଣାଠାରେ ଅନୁଷ୍ଠିତ ହୋଇଯାଇଛି । ସର୍ଦ୍ଦାର ବଲ୍ଲଭଭାଇ ଅଖଣ୍ଡ ଭାରତ ନିର୍ମାଣ ପାଇଁ ଯେଉଁ ତ୍ୟାଗ କରିଥିଲେ, ତାହା ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବ

ବୋଲି କଳାହାଣ୍ଡି ସାଂସଦ ମାଳବିକା ଦେବୀ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ବହୁ ବିଭାଗ ଅଧିକାରୀ ଏବଂ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

BHK

## ମହକ

ଭଦ୍ରକ ଜିଲ୍ଲା ସହିଦ ସ୍ମୃତି ଭବନ ଟାଉନହଲଠାରେ ତିନିଦିନ ଧରି ଚାଲିଥିବା ଶିଶୁ ମହୋତ୍ସବ 'ମହକ' ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ କହିଥିଲେ, 'ଶିଶୁମାନେ ଦେଶର ଭବିଷ୍ୟତ, ପାଠ ପଢ଼ିବା ସହ ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା'ର ବିକାଶ ହୋଇପାରିଲେ ଦେଶ ବିକଶିତ ହେବ ବୋଲି ସେ କହିଥିଲେ। ଜିଲ୍ଲାର ୩୩ଟି ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ।

Desk

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ବାତ୍ୟାର ରୂପ ନେବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ

ଅନୁମାନ କରାଯାଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ।

ସମ୍ଭାବ୍ୟ ବାତ୍ୟାକୁ ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି । ଆସନ୍ତାକାଲି ପରେ ବାତ୍ୟା ସମ୍ପର୍କରେ ସ୍ପଷ୍ଟତା ଆସିବା ପରେ ଅନ୍ୟ ପ୍ରସ୍ତୁତି ଆରମ୍ଭ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

**- V/O -**